## ଆର୍‌ଏମ୍‌ସି ଖାଦ୍ୟ ବିଭାଗ ପକ୍ଷରୁ ଚଢ଼ାଉ

**ରାଉରକେଲା ଅଫିସ:** ସହରରେ ବିଭିନ୍ନ ସ୍ଥାନରେ ନକଲି ଖାଦ୍ୟ ଓ ସସ୍‌ର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏନେଇ ବୁଧବାର ରାଉରକେଲା ମହାନଗର ନିଗମ ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ସ୍ୱାଗତିକା ବେହେରାଙ୍କ ତତ୍ତ୍ୱାବଧାନରେ ଛେଣ୍ଡ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଛେଣ୍ଡର ଭିଏସ୍‌ଏସ୍ ମାର୍କେଟ ଅଞ୍ଚଳରେ ଥିବା ବିଭିନ୍ନ ଫାଷ୍ଟଫୁଡ ଦୋକାନ ଓ କଳିଙ୍ଗ ବିହାର ଅଞ୍ଚଳର ଆରଡିଏ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳର ରାସ୍ତାକଡ଼ ହୋଟେଲ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇଛି। ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ସାଢ଼େ ୩ଶହ ଲିଟର ନକଲି ସସ୍ ଓ ଅପମିଶ୍ରଣ ତେଲକୁ ବିଭାଗୀୟ ଅଧିକାରୀମାନେ ଜବତ କରିଛନ୍ତି। ଏଥିସହ ୪ଟି ହୋଟେଲର ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ଲ୍ୟାବକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ତାଲା ଭାଙ୍ଗି ଦୋକାନରୁ ଚୋରି

**ଝାରସୁଗୁଡ଼ା ଅଫିସ,୫।୧:** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଭେଡେନ୍ ବ୍ରିଜ୍ ଛକରେ ଥିବା ୨ଟି ଦୋକାନ ତାଲା ଭାଙ୍ଗି ମଙ୍ଗଳବାର ରାତି ଦୁର୍ବୃତ୍ତମାନେ ସାମଗ୍ରୀ ଚୋରିକରି ନେଇଛନ୍ତି। ଏନେଇ ହୋଟେଲ ମାଲିକ ପ୍ରସାଦୀ ଭୋଇ ଓ ପାନ ଦୋକାନୀ ସୁରେନ ପ୍ରଧାନ ବୁଧବାର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ୟାସ୍ ଟାଙ୍କି, ତରାଜୁ, ଡିଜେଲ୍, ପେଟ୍ରୋଲ, ପାନ ମସଲା ଆଦି ଚୋରି ହୋଇଥିବା ଦର୍ଶାଇଛନ୍ତି। ପୋଲିସ୍ ଏକ ମାମଲା (ନଂ୨/୨୨) ରୁଜୁକରି ତଦନ୍ତ ଚଳାଇଛି।

### ଭୀମଭୋଇ କଲେଜରେ ମୋ କଲେଜ ଅଭିଯାନ

**ରେଢ଼ାଖୋଲ,୫।୧(ଡି.ଏନ.ଏ.):** ରେଢ଼ାଖୋଲ ଭୀମଭୋଇ କଲେଜରେ ମୋ କଲେଜ ଅଭିଯାନ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଦିଲୀପ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଯୋଜକ ଅଧାପକ ଅଞ୍ଜନ କୁମାର ମିଶ୍ର ଅଭିଯାନର ଆଭିମୁଖ୍ୟ ଓ ସରକାରଙ୍କ ସହଯୋଗ ଉପରେ ସୂଚନା ଦେଇଥିଲେ। କଲେଜର ପୂର୍ବତନ ଅଧକ୍ଷ ତଥା ପୁରାତନ ଛାତ୍ର ଡ.ବାଳାଦିତ୍ୟ ଶ୍ରୀଚନ୍ଦନ ସିଂ, ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ରୋହିଣି ନାୟକ, ବିକାଶ ଦାଶ ପ୍ରମୁଖ ଯୋଗଦେଇ ଏହି ଅଭିଯାନରେ ସାମିଲ ହୋଇ କଲେଜର ଉନ୍ନତି ପାଇଁ ସମସ୍ତ ପୁରାତନ ଛାତ୍ର ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅଧାପକ ଡ. ମନୋରଞ୍ଜନ ମହନ୍ତ ଧନ୍ୟବାଦ ଦେଇଥିଲେ।

### ମନ୍ତ୍ରୀଙ୍କୁ ଭେଟିଲେ ବିଜେଡି କର୍ମକର୍ତ୍ତା

**ସମ୍ବଲପୁର,୫।୧(ବ୍ୟୁରୋ):** ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମ୍ବଲପୁର ଗସ୍ତ ଅବସରରେ ଜମାଦାରପାଲି ଏୟାରଷ୍ଟ୍ରିପରେ ଜିଲା ବିଜେଡି କର୍ମକର୍ତ୍ତା ତାଙ୍କୁ ଭେଟିଛନ୍ତି। ବିଜେଡ଼ି ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଦଳୀୟ କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ସହ କର୍ମକର୍ତ୍ତାଙ୍କ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଉପସଭାପତି ଅଶୋକ ମହାକୁର୍, ଜିଲା ସମ୍ପାଦକ ଦିଲୀପ କୁମାର ଦାସ, ବରିଷ୍ଠ ନେତା ଫଣୀନ୍ଦ୍ର ପଟ୍ଟନାୟକ, ବିଜୁ ଯୁବ ଜନତା ଦଳ ଜୋନ ସଭାପତି ଦେବାଶିଷ ପରିଡା, ରାଜ୍ୟ ବିଜୁ ମହିଳା ଜନତା ଦଳ ସମ୍ପାଦିକା ମିତାଲି ସାହୁ, ଜିଲା ମହିଳା ଜନତା ଦଳ ସଧାରଣ ସମ୍ପାଦିକା ସୁବର୍ଣ୍ଣ ନାୟକପ୍ରମୁଖ ଯୋଗ ଦେଇଥିଲେ।

### ଦୋକାନରୁ ଚୋରି ଅଭିଯୋଗ

**ଦେବଗଡ଼,୫।୧(ଡି.ଏନ୍.ଏ):** ମଙ୍ଗଳବାର ରାତିରେ ଦେବଗଡ଼ ସହରର ଦୈନିକ ବଜାରରେ ଥିବା ଏକ ତେଜରାତି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତ ନଗଦ ଟଙ୍କା ସହ ବିଭିନ୍ନ ତେଜରାତି ସାମଗ୍ରୀ ଚୋରି କରିଛନ୍ତି। ଏନେଇ ବୁଧବାର ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ମୁତାବକ ଦେବଗଡ଼ ସହରର ଜଣାଶୁଣା ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁ ମଙ୍ଗଳବାର ରାତିରେ ଦୋକାନରେ ତାଲା ପକାଇ ଘରକୁ ଆସିଥିଲେ। ଗୁରୁବାର ସକାଳେ ସାହୁ ଦୋକାନ ଖୋଲିବା ସମୟରେ ତାଲା ଭଙ୍ଗାଯାଇଥିବା, ବାରଣ୍ଡାରେ ଭଙ୍ଗା ତାଲା ଓ ଏକ ଲୁହା ହାତୁଡି ପଡିଥିବା ଦେଖିବାକୁ ପାଇଥିଲେ। ସେହିପରି ଦୋକାନ ମଧ୍ୟରୁ ନଗଦ ୩ ହଜାର ଟଙ୍କା ଏବଂ ବିଭିନ୍ନ ତେଜରାତି ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ରିଆମାଳ,୫।୧(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ଥାନା ତଥା ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମପଞ୍ଚାୟତ ଶବରପାଲି ଗ୍ରାମରେ ପୋଖରୀରେ ବୁଡି ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖଗେଶ୍ୱର ମାଝିଙ୍କ ପୁଅ ରାହୁଲ (୭)ଗ୍ରାମର ଅନ୍ୟ କେତେକ ପିଲାଙ୍କ ସହ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ତେବେ ଗାଧୋଇବା ସମୟରେ ରାହୁଲ ବୁଡିଯାଉଥିବା ଦେଖି ନିକଟରେ ଥିବା କେତେକ ଗ୍ରାମବାସୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନୂତନ ଜିଲାପାଳଙ୍କ କୋଭିଡ୍ ସମୀକ୍ଷା

**ସମ୍ବଲପୁର,୫।୧(ବ୍ୟୁରୋ)**

ସମ୍ବଲପୁରର ନୂତନ ଜିଲାପାଳ ଭାବେ ବୁଧବାର ଦିବ୍ୟଜ୍ୟୋତି ପରିଡା ଯୋଗ ଦେଇଛନ୍ତି। କାର୍ଯ୍ୟଭାର ଗ୍ରହଣ ପରେ ସେ କୋଭିଡ୍ ସ୍ଥିତି ନେଇ ସମୀକ୍ଷା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କରୋନା ସାଙ୍ଗକୁ ଓମିକ୍ରନ୍ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଆମକୁ ସଜାଗ ହେବାକୁ ପଡିବ। ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାମ୍ପେନ ମୋଡ୍‌ରେ ଟିକାକରଣ ଲକ୍ଷ୍ୟ ପୂରଣ ସହ ୧୫ରୁ ୧୮ ବର୍ଷ ପିଲାଙ୍କ ଟିକାକାରଣ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। କଣ୍ଟାକ୍ଟ ଟ୍ରେସିଂ, ଟେଷ୍ଟିଂ ବୃଦ୍ଧି, ଜରୁରୀ ସ୍ଥାନରେ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା, କୋଭିଡ୍ ହସ୍ପିଟାଲ ପ୍ରସ୍ତୁତ ରଖିବା ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ନିମନ୍ତେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ନୂତନ ଜିଲାପାଳ ସମ୍ବଲପୁର ବାସୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ ଅଜମ୍ବର ମହାନ୍ତିଙ୍କ ସମେତ କୁଚିଣ୍ଡା ଓ ସଦର ଉପଜିଲାପାଳ, ସ୍ୱାସ୍ଥ୍ୟ ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ନାକଟିଦେଉଳ,୫।୧(ଡ଼ି.ଏନ.ଏ.)**

ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ନାକଟିଦେଉଳ ପୋଲିସ ସମ୍ପୃକ୍ତ ଯୁବକଙ୍କୁ କଟକ ରାଣୀହାଟ ଅଞ୍ଚଳରୁ ଗିରଫ କରି ବୁଧବାର ରେଢ଼ାଖୋଲ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ସନାତନ ମଙ୍ଗରାଜ (୩୬)। ପୋଲିସ ସୂଚନା ଅନୁସାରେ ୭ମାସ ପୂର୍ବେ ନାକଟିଦେଉଳ ଥାନା ଅଞ୍ଚଳର ଜଣେ ୨୫ବର୍ଷିୟା ଯୁବତୀଙ୍କ ସହ ସନାତନଙ୍କ ଫେସ୍‌ବୁକରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କିଛିଦିନ ଚାଟିଂ ଚାଲିବା ପରେ ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସମୟ ମଧ୍ୟରେ ସନାତନ ନାକଟିଦେଉଳ ଆସି ଯୁବତୀଙ୍କୁ ସାଙ୍ଗରେ ଧରି କଟକ ନେଇଯାଇଥିଲେ। ସେଠାରେ ସେ ନିଜ ଘରେ ରଖି ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ସନାତନ ବିବାହ କରିବାକୁ କହିବାରୁ ଯୁବତୀ ଜଣଙ୍କ ତାଙ୍କ ପାରିବାରିକ ସ୍ଥିତିକୁ ପସନ୍ଦ ନ କରି ମନା କରିଦେଇଥିଲେ। ପରେ ସେ ତାଙ୍କୁ ନିଜ ଘରେ ଛାଡ଼ି ଦେବାକୁ କହିବାରୁ ସନାତନ ଜୋର ଜବରଦସ୍ତ ଅଟକ ରଖି ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏପରିସ୍ଥଳେ ଗତ ନଭେମ୍ବରରେ ଯୁବତୀ ଜଣକ ନିଜ ଭଉଣୀକୁ କଟକ ଠିକଣା ଦେଇ ପାଖକୁ ଡକାଇଥିଲେ। ସେଠାରେ ଦୁଇଦିନ ରହିବା ପରେ କୌଶଳକ୍ରମେ ଦୁଇଭଉଣୀ ଖସିଆସି ବସ୍‌ରେ ଘରକୁ ଫେରିଥିଲେ। ନଭେମ୍ବର ୧୭ରେ ଯୁବତୀ ଏ ନେଇ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬ରେ ମାମଲା (ନଂ୧୫୯/୨୧) ରୁଜୁ କରି ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରିବା ସହ ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ଥାନା ଅଧିକାରୀ ବିଭୂତି ଭୂଷଣ ଦଳାଇ କଟକ ରାଣିହାଟ ଅଞ୍ଚଳର ଏକ ଜଳଖିଆ ଦୋକାନରୁ ସନାତନଙ୍କୁ ଗିରଫ କରିଥିଲେ।

# ଦଶମ ସମେଟିଭ ପରୀକ୍ଷା: ସମ୍ବଲପୁର ଜୋନରେ ୮୦୧ ପରୀକ୍ଷା କେନ୍ଦ୍ର

**ସମ୍ବଲପୁର,୫।୧(ବ୍ୟୁରୋ)**

ଦଶମ ଶ୍ରେଣୀ ସମେଟିଭ ଆସେସ୍‌ମେଣ୍ଟ–୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ସମ୍ବଲପୁର ଜୋନର ୯ ଜିଲାରେ ୮୦୧ ପରୀକ୍ଷା କେନ୍ଦ୍ର କରାଯାଇଛି। ରେଗୁଲାର ୧ ଲକ୍ଷ ୩୯ ହଜାର ୪୬୬ ଓ ଏକ୍ସ ରେଗୁଲାରରେ ୭୦୭୪ ମୋଟ ୧ ଲକ୍ଷ ୪୬ ହଜାର ୭୬୧ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ସମସ୍ତ କେନ୍ଦ୍ରରେ କୋଭିଡ୍ କଟକଣା ପାଳନ କରାଯାଉଛି। ଛାତ୍ରୀଛାତ୍ର କେନ୍ଦ୍ରକୁ ପ୍ରବେଶ କରୁଥିବା ସମୟରେ ସାନିଟାଇଜର ବ୍ୟବହାର ଓ ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ଜୋନ ଅଫିସରୁ ମିଳିଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲାରେ ୧୩ ନୋଡାଲ କେନ୍ଦ୍ର, ୧୩୧ ଗୋଟି ପରୀକ୍ଷା କେନ୍ଦ୍ର ରହିଛି। ସେହିପରି ନୂଆପଡା ଜିଲାରେ ୫ ନୋଡାଲ କେନ୍ଦ୍ର ଓ ୬୨ ଗୋଟି ପରୀକ୍ଷା କେନ୍ଦ୍ର, ବରଗଡ ଜିଲାରେ ୧୨ ନୋଡାଲ ଓ ୧୦୫ ପରୀକ୍ଷା କେନ୍ଦ୍ର, ସମ୍ବଲପୁର ଜିଲାରେ ୬ ନୋଡାଲ ଓ ୭୩ ପରୀକ୍ଷା କେନ୍ଦ୍ର, ଦେବଗଡ ଜିଲାରେ ୬ ନୋଡାଲ ଓ ୩୩ ପରୀକ୍ଷା କେନ୍ଦ୍ର, ଝାରସୁଗୁଡ଼ା ଜିଲାରେ ୪ ନୋଡାଲ ଓ ୪୧ ପରୀକ୍ଷା କେନ୍ଦ୍ର, ବଲାଙ୍ଗୀର ଜିଲାରେ ୧୫ ନୋଡାଲ ଓ ୧୮୮ ପରୀକ୍ଷା କେନ୍ଦ୍ର, ସୁବର୍ଣ୍ଣପୁର ଜିଲାରେ ୨୦ ନୋଡାଲ ଓ ଓ ୧୨୦ ପରୀକ୍ଷା କେନ୍ଦ୍ର, ସୁନ୍ଦରଗଡ ଜିଲାରେ ୨୦ ନୋଡାଲ ଓ ୧୨୦ ପରୀକ୍ଷା କେନ୍ଦ୍ର ହୋଇଛି।



ସମ୍ବଲପୁର ଜିଲାର ଏକ କେନ୍ଦ୍ରକୁ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର।

# ଅଫ୍‌ଲାଇନ ପରୀକ୍ଷାକୁ ଭିସୁଟ୍ ଛାତ୍ରଙ୍କ ବିରୋଧ

**ସମ୍ବଲପୁର,୫।୧(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ଭିସୁଟ୍ ଛାତ୍ରୀଛାତ୍ର ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରି ଅନ୍‌ଲାଇନ କରିବାକୁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏବେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଛି। ଭିସୁଟ୍‌ର କେତେଜଣ ଛାତ୍ରୀ ଛାତ୍ରଙ୍କ ଲକ୍ଷଣ ମଧ ଦେଖାଦେଇଛି। ଏଭଳି ସ୍ଥିତିରେ ପରୀକ୍ଷା କଲେ ଗୋଷ୍ଠୀ ସଂକ୍ରମଣ ଭୟ ରହୁଛି। ତେଣୁ ଅନ୍‌ଲାଇନ ପରୀକ୍ଷା କରାଯାଉ। ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନାହିଁ।

# ନକଲି ମଦ ଜବତ, ୬ ବ୍ୟବସାୟୀ ଗିରଫ



ଜବତ ମଦ ଓ ଗିରଫ ଅଭିଯୁକ୍ତ।

**ରାଉରକେଲା ଅଫିସ, ୫।୧**

ରାଉରକେଲା ଅବକାରୀ ଓ ଗୁଇନ୍ଦା ବିଭାଗ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ପୋଲିସ ନକଲି ମଦ ସହ ୬ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ହେଲେ ଟ୍ରାଫିଗେଟ୍ ଅଞ୍ଚଳର ଢ଼ାବା ମାଲିକ ଗଣେଶ ସୋନକର, ପାନପୋଷ ହକିଛକ ଡାବା ମାଲିକ ରବୀନ୍ଦ୍ର ମାଲୁଆ, ଆଇଡିଏଲର ଅନିରୁଦ୍ଧ ସି, ରଘୁନାଥପାଲିର ଉମେଶ ସାହୁ, ଟାଙ୍ଗରପାଲିର ମନୁ ପ୍ରସାଦ, ଜଲଦା ବି ବ୍ଲକ ଅଞ୍ଚଳର ଜ୍ୟୋତି ସିଂ। ପୋଲିସ ଗଣେଶ ଓ ରବୀନ୍ଦ୍ରଙ୍କଠାରୁ ୧୧୮ ଲିଟର ଦେଶୀମଦ ଜବତ କରିଛି। ଅନ୍ୟ ୪ ବ୍ୟବସାୟୀଙ୍କଠାରୁ ୧୧ ହଜାର ୧୧୦ ଲିଟର ମହୁଲ ପୋଚକୁ ନଷ୍ଟ କରିଛି। ଏହି ଚଢ଼ାଉ ସମୟରେ ରାଉରକେଲା ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକ, ସମ୍ବଲପୁର ଗୁଇନ୍ଦା ବିଭାଗର ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ, ସୋମନାଥ ବାଗ, ଶ୍ରୀଧର ମହାନ୍ତି, ମାନସ ରଞ୍ଜନ ମୁଣ୍ଡାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୫।୧**

ଝାରସୁଗୁଡା ସହର ବେହେରାମାଲରେ ଭାଜପାର ଜିଲା କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ଜିଲା ସଭାପତି ମଙ୍ଗଳ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରଜରାଜନଗର ପୂର୍ବତନ ବିଧାୟକ ରାଧାରାଣି ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ପଣ୍ଡା, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଦ୍ୱିତୀୟ ଭୋଇ, ପ୍ରେମସେନ ରାୟ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪୧ କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି ୬୩୩୭ ଛାତ୍ରୀଛାତ୍ର

**ଝାରସୁଗୁଡ଼ା ଅଫିସ,୫।୧**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ତରଫରୁ ଦଶମ ଶ୍ରେଣୀ ସମେଟିଭ ଆସେସ୍‌ମେଣ୍ଟ–୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଝାରସୁଗୁଡା ଜିଲାରେ ରେଗୁଲାର ଓ ଏକ୍ସରେଗୁଲାର୍ ମୋଟ ୬୬୫୪ ଛାତ୍ରୀଛାତ୍ର ପରୀକ୍ଷା ଦେବାପାଇଁ ଫର୍ମ ଫିଲପ୍ କରିଥିଲେ । ଏଥିମଧ୍ୟରୁ ୬୩୩୭ ପରୀକ୍ଷାର୍ଥୀ ୪୧କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ବାକି ୩୧୭ଜଣ ବିଭିନ୍ନ କାରଣରୁ ପରୀକ୍ଷା ଦେଉ ନ ଥିବା ଜଣାପଡିଛି। ଜିଲାରେ ଲଖନପୁର ପଞ୍ଚାୟତ ହାଇସ୍କୁଲ, ବେଲପାହାଡ ଜିଏଲ ହାଇସ୍କୁଲ, ଝାରସୁଗୁଡା ସରକାରୀ ହାଇସ୍କୁଲ ଓ ଲଇକେରା କେବିଜେ ହାଇସ୍କୁଲରେ ନୋଡାଲ ସେଣ୍ଟର ଖୋଲାଯାଇଛି। ଏଠାରୁ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯାଉଛି। ଝାରସୁଗୁଡା ପୌରାଞ୍ଚଳରେ ୬, ଝାରସୁଗୁଡା ବ୍ଲକରେ ୩, ବ୍ରଜରାଜନଗର ପୌରାଞ୍ଚଳରେ ୫, ଲଖନପୁର ବ୍ଲକରେ ୧୨, କୋଲାବିରା ବ୍ଲକରେ ୪, କିର୍ମିରା ବ୍ଲକରେ ୩, ଲଇକେରା ବ୍ଲକରେ ୫, ବେଲପାହାଡ ପୌରାଞ୍ଚଳରେ ୩ ପରୀକ୍ଷା କେନ୍ଦ୍ର ରହିଛି। ପରୀକ୍ଷା ତଦାରଖ ପାଇଁ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ତରଫରୁ ୨ସ୍କ୍ୱାଡ୍ କରାଯାଇଛି। ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜଙ୍କ ତତ୍ତ୍ୱାବଧାନରେ ସ୍କ୍ୱାଡ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲା।

# ଭବିଷ୍ୟବାଣୀ ନୀତି ଶୀର୍ଷକ ଆଲୋଚନା

**ସମ୍ବଲପୁର,୫।୧(ବ୍ୟୁରୋ)**

ଭବିଷ୍ୟବାଣୀ ନୀତି ଶୀର୍ଷକ ଆନ୍ତର୍ଜାତୀୟ ଆଲୋଚନା ଚକ୍ର ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା କଲେଜ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଚିକାଗୋ ବିଶ୍ୱବିଦ୍ୟାଳୟର ଡ. ଅଭିଳାଷ ମିଶ୍ର ଭର୍ଚୁଆଲରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ପ୍ରଫେସର ଜୟନ୍ତ କୁମାର କରଶର୍ମା ସଂଯୋଜନା ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜିତେନ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ। ପଦାର୍ଥ ବିଜ୍ଞାନର ନୌବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସିଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



**ରେଢ଼ାଖୋଲ,୫।୧(ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ତ୍ରିବଣପୁର ହାଇସ୍କୁଲ ଖେଳ ପଡିଆରେ ୨୯ତମ ସିଦ୍ଧେଶ୍ୱର ବାବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ତ୍ରିବଣପୁର ସରପଞ୍ଚ ତଥା ବ୍ଲକ ଯୁବ ବିଜେଡି ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ରିଙ୍କୁ ଦେହୁରି, ନନ୍ଦକିଶୋର ମାଝି, ବିଜେଡି ଡିଜିଟାଲ ସମ୍ପାଦକ ସଚିନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ତ୍ରିବଣପୁର ଓ ପୁରୁଣାଗଡ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତ୍ରିବଣପୁର ଦଳ ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପୁରୁଣାଗଡ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ତ୍ରିବଣପୁର ଦଳ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଆୟୋଜକ ସିଦ୍ଧେଶ୍ୱର ବାବା କ୍ରିକେଟ କ୍ଲବର ମଧୁସୂଦନ ସେଠୀ, ଅରବିନ୍ଦ ମାଝି, ମକରନ୍ଦ ମାଝି, ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଜ୍ୟୋତି ଅଫିସରେ ଲୁଇସ ବ୍ରେଲ ଜୟନ୍ତୀ

**ସମ୍ବଲପୁର,୫।୧(ବ୍ୟୁରୋ):** ଲୁଇସ ବ୍ରେଲ ଜୟନ୍ତୀ ବୁଧବାର ସମ୍ବଲପୁର ଜ୍ୟୋତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ଚନ୍ଦ୍ରାବଳୀ ମହାପାତ୍ର, ରାମାନୁଜ ପଣ୍ଡା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବ ନାରାୟଣ ଶତପଥି, ମନବୋଧ ତ୍ରିପାଠୀ, ଅଶୋକ ମିଶ୍ର, ସୁମତି ବେରିହା, ସତ୍ୟନାରାୟଣ ସେଠ, ଇନ୍ଦ୍ରଭୂଷଣ ପୃଷେଠ, ରବିନାରାୟଣ ନନ୍ଦ ସହଯୋଗ କରିଥିଲେ। ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସିଆଇଟିୟୁ ପକ୍ଷରୁ ବିକ୍ଷୋଭ

**ରାଉରକେଲା ଅଫିସ, ୫।୧:** ରାଉରକେଲା ବିଶ୍ରାଛକ ଠାରେ ୧୮ ଦଫା ଦାବିକୁ ନେଇ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଇସ୍ପାତ ଉଦ୍ୟୋଗ ବିପକ୍ଷରେ ଦଳୀୟନେତାମାନେ ଏକତ୍ରିତ ହୋଇ ଆରଏସ୍‌ପି ଗେଟ ସମ୍ମୁଖରେ ୨୮ ପ୍ରତିଶତ ପର୍କ୍ସ ବୃଦ୍ଧି, କରୋନାରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ସହ ୯ ପ୍ରତିଶତ ପେନସନ ବଢାଇବା ଭଳି ବିଭିନ୍ନ ଦାବି କରିଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁର ରାଷ୍ଟ୍ରୀୟ ଅଧକ୍ଷ ବିଷ୍ଣୁ ମହାନ୍ତି, ପ୍ରଶାନ୍ତ ନାୟକ, ରଞ୍ଜିତ ସିଂଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପଞ୍ଚାୟତରେ ତାଲା ପକାଇଲେ ଆଦିବାସୀ

**ଦେଓଗାଁ, ୫।୧(ଡି.ଏନ.ଏ.):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ଆଦିବାସୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବୁଧବାର ହାତୀସରା ଓ ସିଙ୍ଗାମୁଣ୍ଡା ପଞ୍ଚାୟତରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ ସହ ପଞ୍ଚାୟତ ମୁଖ୍ୟଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି।

# ଭିନ୍ନକ୍ଷମ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନ ଶିବିର

**କୁଚିଣ୍ଡା,୫।୧(ଡି.ଏନ.ଏ.)**

ବୁଧବାର କୁଚିଣ୍ଡା ଟାଉନହଲଠାରେ ଉପଖଣ୍ଡ ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୩ ଜଣ ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦିଆଯାଇଥିଲା। କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଶିବିରରେ କୁଚିଣ୍ଡା, ବାମରା, ଜମନକିରା ବ୍ଲକର ଭିନ୍ନକ୍ଷମମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡା. ଓମ୍ ପ୍ରକାଶ ସାମନ୍ତ, ଡ଼ା. ସୁନୀତା ମିଶ୍ର, ଡ଼ା. ସୀମା ରାୟ, ଡ଼ା. ଗଙ୍ଗାଧର ପଣ୍ଡା, ଡ଼ା. ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ଶାରୀରିକ ଭିନ୍ନକ୍ଷମ ଭାବେ ୧୮, ଦୃଷ୍ଟିଶକ୍ତି ବାଧିତ ୮, ସିକିଲସେଲ ଜନିତ ୭, ମାନସିକ ଭିନ୍ନକ୍ଷମ ୧୮ ଓ ଶ୍ରବଣ ଶକ୍ତି ଜନିତ ୨ ଜଣଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୁଚିଣ୍ଡା ବ୍ଲକ ବିଏସ୍‌ଏସ୍‌ଓ ଦୀପକ ପଟେଲ ଶିବିର ଆୟୋଜନ କରିଥିଲେ।



ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମ।

# ସମ୍ମିଳିତ ଆଦିବାସୀ ସଂଘର ବନ୍ଦ ପାଳନ

**ଝାରସୁଗୁଡ଼ା ଅଫିସ,୫।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ରାଜ୍ୟ ସମ୍ମିଳିତ ଆଦିବାସୀ ସଂଘ ବୁଧବାର ୫ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା । ଏ ନେଇ ଜିଲା ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି ଅବସରରେ ଝାରସୁଗୁଡା ଜିଲା ସଙ୍ଗଠନ ତରଫରୁ ସକାଳ ୯ଟାରୁ ପିକେଟିଂ ଆରମ୍ଭ ହୋଇଥିଲା।

ସଙ୍ଗଠନର କର୍ମକର୍ତ୍ତା ଝାରସୁଗୁଡା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀଛକ, ବ୍ରଜରାଜନଗର ପୌରାଞ୍ଚଳ ୪୯ନଂ ଜାତୀୟ ରାଜପଥ ଗାନ୍ଧୀଛକ, କୋଲାବିରା ବ୍ଲକ୍ ତେଲେନ୍‌ନଦୀ ବ୍ରିଜ୍, କିର୍ମିରା ବ୍ଲକ୍ ତହସିଲ ଅଫିସ ସମ୍ମୁଖ, ଲଇକେରା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଆଦି ସ୍ଥାନରେ ପିକେଟିଂ କରିଥିଲେ। ଏଥିରେ ଜିଲା କଂଗ୍ରେସ କମିଟି, ସିପିଆଇ, ସିଆଇଟିୟୁ, ଏଆଇଟିୟୁସି ଆଦି ରାଜନୈତିକ ଦଳ ଓ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ । ଖବରପାଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ,ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଗୁପ୍ତେଶ୍ୱର ଭୋଇ, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, କୋଲାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ । ହେଲେ ଆନ୍ଦୋଳନକାରୀ ନ ଶୁଣିବାରୁ ପୋଲିସ ସେମାନଙ୍କୁ ଗିରଫକରି ଭ୍ୟାନ୍‌ରେ ଥାନାକୁ ନେଇଥିଲା। ପରେ ବ୍ୟକ୍ତିଗତ ମୁଚାଲିକାରେ ସେମାନଙ୍କୁ ଛାଡିଦିଆ ଯାଇଥିଲା। ପୋଲିସର ବଳପୂର୍ବକ ଗିରଫଦାରୀକୁ ଆଦିବାସୀ ମହିଳାପୁରୁଷ ବିରୋଧ କରିଥିଲେ। ପରେ ଝାରସୁଗୁଡା ଟାଉନ ଥାନା ପୋଲିସ ୨୪, ବ୍ରଜରାଜନଗର ପୋଲିସ ୬ଜଣ ଓ କୋଲାବିରା ପୋଲିସ ୧୭ଜଣଙ୍କୁ ଗିରଫକରି ମାମଲା ରୁଜୁ କରିଛି। ଗିରଫମାନେ ହେଲେ ସମ୍ମିଳିତ ଆଦିବାସୀ ସମାଜ ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାୟକ, ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ଲିଙ୍ଗରାଜ ପ୍ରଧାନ, ବିନୋଦ ବାଗ୍, ତ୍ରିଲୋଚନ ଡନସେନା, ରମେଶ ପ୍ରଧାନ, ରକ୍ଷଣ ଧୁରୁଆ, ଉମାଶଙ୍କର ମାଝି, ଫକିର ଭୋଇ, ନିମାଇଁ ଚରଣ ମରାଇ, ଗଜେନ୍ଦ୍ର ଗଣ୍ଡ, ବୁନ୍ଦେ ଧୁରୁଆ, କଷ୍ଟୁ ପିଙ୍ଗ, ପଙ୍କୋଜ ଛତ୍ରିଆ, କଂଗ୍ରେସ ଜିଲା ସଭାପତି ଭରତ ଅଗସ୍ତି, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଟାଉନ୍ ସଭାପତି ସଞ୍ଜୟ ମହାପାତ୍ର, ସିପିଆଇ ଜିଲା ସହ ସମ୍ପାଦକ ସାରଙ୍ଗଧର ମିଶ୍ର ପ୍ରମୁଖ।




ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫକରି ଭ୍ୟାନ୍‌ରେ ନେଉଛି।

### ଆନ୍ଦୋଳନକାରୀଙ୍କୁ ଗିରଫ କରିନେଲା ପୋଲିସ

## କ୍ରିକେଟ : ଗୌରଗୋଠ, ସାଲେପାଲି ବିଜୟୀ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗୋଲଡେନ ଇଗଲ ଆନୁକୂଲ୍ୟରେ ଚାଲିଥିବା ଖୁଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଗୌରଗୋଠ ଓ ଲିଖିରିଆ ମଧ୍ୟରେ ହୋଇଥିଲା। ଏଥିରେ ଗୌରଗୋଠ ବିଜୟୀ ହୋଇଥିଲା। ସାଲେପାଲି ଓ ରୁଷୁଡ଼ା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯାଇଥିଲା। ଏଥିରେ ସାଲେପାଲି ବିଜୟୀ ହୋଇଥିଲା। ମୋହନ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ସମ୍ମାନିତ ଅତିଥିଭାବେ ଦିନେଶ କୁମାର ସାହୁ, ହେମସାଗର ଭୋଇ, ସଚ୍ଚିଦାନନ୍ଦ ପାଢ଼ୀ, ଦଶରଥ ସାମଲ, ବାସୁଦେବ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ସଂରକ୍ଷଣ ଦାବିରେ ୧୩୧ ପଞ୍ଚାୟତରେ ତାଲା

ନୂଆପଡ଼ା ଅଫିସ,୫।୧: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଗତ ୨୪ରେ ସାନି ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ସେହି ବିଜ୍ଞପ୍ତିରେ ଅନୁସୂଚିତ ଜନଜାତିମାନଙ୍କ ସଂରକ୍ଷଣ ତାଲିକାରେ ବାଦ ପଡିଥିବାରୁ ଏହାକୁ ବିରୋଧ କରି ଗତ ୩ରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ବେଳେ ଆନ୍ଦୋଳନକୁ ଆଉ ଏକପାଦ ଆଗକୁ ଯାଇ ବୁଧବାର ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାର ୧୩୧ଟି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ବନ୍ଦ କରାଯାଇଥିଲା। ସରକାର ଅନୁସୂଚିତ ଜନଜାତିମାନଙ୍କୁ ତାଙ୍କର ସମ୍ବିଧାନିକ ଅଧିକାର ନ ଦେବା ପର୍ଯ୍ୟନ୍ତ ଲଢେଇ ଚାଲିବ, ନିଜର ହକ୍ ଦାବି ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ କରାଯିବ ସଂଘ ସମ୍ପାଦକ ବାଲକୃଷ୍ଣ ଶବର ସୂଚନା ଦେଇଛନ୍ତି। ଏହି ସମୟରେ ଜ୍ଞାନେଶ୍ୱର ମାଝି, ପୁରନ୍ଦର ସିଂ ଧରୁଆ, କୁନୁ ମାଝି, ପଦୁରାମ ମାଝି, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ରୟାଲ କପ୍ କ୍ରିକେଟ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୫।୧: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରି କଲିଙ୍ଗ ଖେଳ ପଡିଆରେ ୧୫ତମ ରୋୟାଲ କପ୍ ଚାମ୍ପିୟନଶିପ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ୧୬ଟି ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ଯୋଗ ଦେଇଥିବା ବେଳେ ଗୋବର୍ଦ୍ଧନ ନାୟକ, ଯୋଗେନ୍ଦ୍ର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଜଡାମୁଣ୍ଡା ଓ ରେଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଙ୍ଗ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଝଗ୍ରାହୀ ଓ ଆଗ୍ରେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗ୍ରେନ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ରୋୟାଲ କ୍ଲବ ସଦସ୍ୟ ଥୟରାମ ହଂସ, ଟିକେଶ୍ୱର ହଂସ, କୈଶ୍ୟପ ଶଗରିଆ, ମୋହନ ହଂସ, ସହଦେବ ଥପା, ଥବିର ହଂସ, କୃଷ୍ଣ ବେମାଲ, ଦୀପକ ବାଗ, ପରମେଶ୍ୱର ହଂସ, ଯଶୋବନ୍ତ ହଂସ, ପ୍ରବେଶ ନାଗ ପ୍ରମୁଖ ସହଯୋଗ କରିଥିଲେ।

### ଫାଇନାଲରେ ବ୍ଲୁ ଡାଇମଣ୍ଡ ବରଗଡ଼

**ୱାଇଏମ୍‌ସି କପ୍ କ୍ରିକେଟ**

ନୂଆପଡ଼ା ଅଫିସ,୫।୧: ସ୍ଥାନୀୟ ମିନିଷ୍ଟାଡିୟମଠାରେ ୟୁଥ ମାସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ୟୁଥ ମାସ କ୍ଲବ ନୂଆପଡାକୁ ହରାଇ ବ୍ଲୁ ଡାଇମଣ୍ଡ ବରଗଡ ଫାଇନାଲରେ ପ୍ରବେଶ କରିଛି। ୟୁଥ ମାସ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୫ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ଡାଇମଣ୍ଡ ୩୦.୦୧ ବଲରେ ୪ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ବ୍ଲୁ ଡାଇମଣ୍ଡର କୁନାଲ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଆଇନଜୀବୀ ପ୍ରସନ୍ନ ମହାପାତ୍ର ପ୍ରଦାନ କରିଥିଲେ। ବିଶ୍ୱମ୍ଭର ମହାକୁଡ ଓ ସଞ୍ଜୟ ନାଏକ ଖେଳ ପରିଚାଳନା କରୁଥିବା ବେଳେ ଶୈଳେସ ଶତପଥି ସ୍କୋର ଦାୟିତ୍ୱ ଏବଂ କାର୍ତ୍ତିକ ନିଆଲ, ସୀମାଞ୍ଚଳ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ତଥା ୱାଇଏମ୍‌ସି କନଭେନର ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ବିଜୟ ପାଣିଗ୍ରାହୀ, ମହାମାୟା ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ସାହୁ, ବିଜେଡି ଜିଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ଜିଲା ଠିକାଦାର ସଂଘ ସଭାପତି କ୍ଷୀରୋଦ ପାଢୀ, ପୂର୍ବତନ କ୍ରିକେଟର ବଣ୍ଟି ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ (ଭୈରବ), ସଭାପତି ପ୍ରକାଶ ସାହୁ, ବ୍ଲକ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ରିଣ୍ଟୁ ବର୍ଗର୍ତ୍ତି, ବରିଷ୍ଠ କ୍ରୀଡାବିତ ସୁରେଶ ସାହୁ, ଜିଲା କ୍ରିକେଟ ସଂଘ ଉପ ସଭାପତି ସଞ୍ଜୟ ପଟ୍ଟନାୟକ, ସହ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ଫଟୋ- ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

**ଇନ୍ଦ୍ରାବତୀ ବାମ କେନାଲ**

■ ଛୋରିଆଗଡ଼ ଡ୍ରିଷ୍ଟିବ୍ୟୁଟାରି ପର୍ଯ୍ୟନ୍ତ ଜଳସେଚନ ଦାବି

ଜୁନାଗଡ,୫।୧(ଡି.ଏନ.ଏ.)

ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଛୋରିଆଗଡ ଡ୍ରିଷ୍ଟିବ୍ୟୁଟାରି ପର୍ଯ୍ୟନ୍ତ ବାମ କେନାଲରେ ଜଳ ସେଚନ ଦାବି କରି ବୁଧବାର ପୂର୍ବାହ୍ନ ୧୦ଟାରୁ ସ୍ଥାନୀୟ ଚାଷୀ ଜୁନାଗଡ ବ୍ଲକ ଘୋଲିଜିବା ଛକ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶତାଧିକ ଯାନବାହନ ରାସ୍ତାରେ ଅଟକ ରହିଥିଲା। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଆଇଆଇସି ଉତ୍ତମ କୁମାର ସାହୁ ଓ ଇନ୍ଦ୍ରାବତୀ ବିଭାଗୀୟ ଅଧିକାରୀ ପହଞ୍ଚି ଆନ୍ଦୋଳରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ତହସିଲଦାର ଧର୍ମଗଡ ଉପଜିଲାପାଳଙ୍କ ସହ ଘଟଣା ନେଇ ଆଲୋଚନା କରିଥିଲେ। ଧର୍ମଗଡ ଉଜିଲାପାଳ ଉପସ୍ଥିତ ଥିବା ତହସିଲଦାରଙ୍କ ଜରିଆରେ ଗୁରୁବାର ସ୍ଥାନୀୟ ଚାଷୀ ନେତାଙ୍କ ସହ ଏ ବିଷୟରେ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧.୩୦ରେ ରାସ୍ତାରୋକୋ ହଟିଥିଲା। ଏହି ଆନ୍ଦୋଳନରେ ଅଞ୍ଚଳର ଚାଷୀ ଗିରିଜା ଭୂଷଣ ପଣ୍ଡା, ମନୋଜ କୁମାର ମେହେର, ଟଙ୍କଧର ନାଏକ, ସତ୍ୟରଞ୍ଜନ ବେହେରା, ଅଜୟ ପାଣିଗ୍ରାହୀ, ଅରୁଣ କୁମାର ପଣ୍ଡା, ହୃଦାନନ୍ଦ ପଣ୍ଡା, ପଦ୍ମଲୋଚନ ପାଢ଼ି, ବସନ୍ତ ପାତ୍ର, କୁଶ ପଣ୍ଡା,ସୁବ୍ରତ ବେହେରା, ଯୁଧିଷ୍ଠିର ମେହେର, ଜବହାରଲାଲ ବେହେରା, ଲିଙ୍ଗରାଜ ସାହୁ, ମିନକେତନ ବେହେରା ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର କମ୍ ଥିବା ଦର୍ଶାଇ ଏଥର ରବି (ଡାଲୁଅ) ଚାଷ ସମୟରେ ମଙ୍ଗଳପୁର ବ୍ୟାରେଜରୁ ପୋଡବେଡା, ରାବଣଗୁଡା ପର୍ଯ୍ୟନ୍ତ ବାମ କେନାଲରେ ପାଣି ଛଡାଯିବ ବୋଲି ଜଣାପଡିଥିଲା। ଯେଉଁଥିରେ ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକ ଅଞ୍ଚଳ ରହିଛି। ତେବେ ଜୁନାଗଡ ବ୍ଲକର ବାମ କେନାଲ ସଂଯୋଗ କରୁଥିବା ହାବସପୁର ଓ ଆଟିଗାଁ ୨ଟି ଜିଲା ପରିଷଦ ଜୋନ୍‌ର ୧୬ ପଞ୍ଚାୟତକୁ ଜଳସେଚନରୁ ବାଦ୍ ଦିଆଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀଙ୍କ ପାତର ଅନ୍ତର ନିତୀକୁ ବିରୋଧ ସହ ଛୋରିଆଗଡ ଡ୍ରିଷ୍ଟିବୁଟାରୀ ପର୍ଯ୍ୟନ୍ତ ବାମ କେନାଲରେ ଜଳସେଚନ ଦାବି ନେଇ ଏହି ଜୋନ୍‌ରେ ଥିବା ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ରାସ୍ତାରୋକୋ କରିଥିଲେ।



ଘୋଲଜିବା ଛକଠାରେ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

## ଦଶମ ଶ୍ରେଣୀ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ

ଜୁନାଗଡ,୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଚଳିତ ବର୍ଷ ପ୍ରଥମ କରୋନା ପ୍ରବେଶ କରିଛି। ବୁଧବାର ସହରର ଏକ ଘରୋଇ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ଏହି ଛାତ୍ରୀ ଜଣକ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କରୋନା ଟିକା ନେବା ପାଇଁ ଆସିଥିବା ବେଳେ କରୋନା ଲକ୍ଷଣ ଦେଖିବାକୁ ମିଳିଥିଲା। ପରୀକ୍ଷା ପରେ ତାଙ୍କର ପଜିଟିଭ୍ ଆସିଥିବା ଜଣାପଡିଛି।

## ଆଦିବାସୀ ସଂଘର ବୈଠକ

କଣ୍ଟାବାଞ୍ଜି, ୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଆଦିବାସୀ ସଂଘ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କୁ ସଂରକ୍ଷଣ ଦିଆ ନ ଯିବାର ବିରୋଧ କରିଛି। କମେଇମୁଣ୍ଡା ପଞ୍ଚାୟତ ସଦର ଗ୍ରାମରେ ହୋଇଥିବା ବୈଠକରେ ଓଡିଶା ସରକାରଙ୍କ ଏପରି ନିଷ୍ପତ୍ତି ବିରୋଧରେ ସଂଘ ଆଗାମୀ ଦିନରେ ବ୍ଲକ ଘେରାଉ ପାଇଁ ନିଷ୍ପତ୍ତି ନେଇଛି। ସଂଘର ତୁରେକେଲା ଶାଖା ସମ୍ପାଦକ ନରୋତ୍ତମ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମିତି ସଭ୍ୟା ଖେଲନ୍ତି ସମରଥ, ଲିଙ୍ଗ ମାଝି, ସହଦେବ ମାଝି, ଉଗ୍ରେସନ ପାତ୍ର, ଗଣ୍ଡାରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜାଗା ମିଶନ: ୯୪ ପୌର ବସ୍ତି ବାସିନ୍ଦାଙ୍କୁ ଥଇଥାନ

ଟିଟିଲାଗଡ଼, ୫।୧(ଡି.ଏନ.ଏ)

ବର୍ଷବର୍ଷ ଧରି ଟିଟିଲାଗଡ ପୌରାଞ୍ଚଳରେ ରହି ଆସୁଥିବା ବସ୍ତିବାସିନ୍ଦାଙ୍କୁ ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଥଇଥାନ ନେଇ ବୁଧବାର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ଆମ ବନ୍ଧ ଜଳଚର ଅଞ୍ଚଳ, ଗୌଡପଡା ତଥା ରେଳବାଇ ଲାଇନ କଡରେ ବାସ କରୁଥିବା ଗରିବ ୯୪ ବସ୍ତି ବାସିନ୍ଦାଙ୍କୁ ପୁରୁଣା ଟ୍ୟାନେରି ଅଞ୍ଚଳରେ ଲଟେରି ଯୋଗେ ପ୍ଲଟ ଆବଣ୍ଟନ କରାଯାଇଥିଲା। ପୌର କଲ୍ୟାଣ ମଣ୍ଡପ ପରିସରରେ ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଟିଟିଲାଗଡ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ଲଟେରି ଯୋଗେ ପ୍ରତ୍ୟେକ ହିତାଧିକାରୀଙ୍କୁ ଡାକି ସେମାନଙ୍କ ପ୍ଲଟ ଚୟନ ପାଇଁ ସ୍ୱାଧୀନତା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କୁ ୩୨୩ ବର୍ଗଫୁଟ ଜମି ସହ ଆବାସ, ରାସ୍ତା, ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ଡ୍ରେନ, ବ୍ୟକ୍ତିଗତ ଶୌଚାଳୟ, ସବୁଜିମା ପରିବେଶ ଆଦି ବିଭିନ୍ନ ବ୍ୟବସ୍ଥା ସହ ଆଦର୍ଶ ବସ୍ତି ପରିକଳ୍ପନା କରାଯାଇଛି। ପୌର ଜାଗା ମିଶନ ପରିଚାଳକ ସିଦ୍ଧାନ୍ତ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୌର ସିଇଓ ଶୁଭଶ୍ରୀ ସାହୁ ପରିଚାଳନା କରିଥିଲେ। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ମଧ୍ୟ ଯୋଜନାରେ ସାମିଲ କରାଯିବ ବୋଲି ପୌର ପରିଷଦ ପକ୍ଷରୁ ସୁଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୌର ମୁଖ୍ୟ କିରାଣି ସାଧୁ ପ୍ରସାଦ ବେହେରା, କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ କିଷାନ, ଅମିନ ରଞ୍ଜିତ ପାଣୀ, ସିତୁ ପାଢୀ, ଟିସି ନରୋତ୍ତମ ସାହୁ ପ୍ରମୁଖ ସହାୟତା କରିଥିଲେ।




ଜଣେ ହିତାଧିକାରୀ ଲଟେରି ଉଠାଣ କରୁଛନ୍ତି।

# କୁଡୁସୁଡ଼, ତେତେଲପଡ଼ା ବିଜୟୀ

**ଗିରିଗୋବର୍ଦ୍ଧନ ଫୁଟ୍‌ବଲ ଟୁର୍ନାମେଣ୍ଟ**

ମୁରିବାହାଲ, ୫।୧(ଡ.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ଅନ୍ତର୍ଗତ ଝିଙ୍କିଡୁଙ୍ଗୁରି ଗିରିଗୋବର୍ଦ୍ଧନ କ୍ଲବ ଆନୁକୂଲ୍ୟରେ ୧୦ମ ଗିରିଗୋବର୍ଦ୍ଧନ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ କଶ୍ୟପ ସରାଫ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ତପି ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ପ୍ରଥମ ରାଉଣ୍ଡରେ କୁରସୁଡ଼ ଏବଂ ବଡ଼ମୂଳା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କୁରସୁଡ଼ ୨-୦ଗୋଲରେ ବିଜୟୀ ହୋଇଥିଲା। ୨ୟ ରାଉଣ୍ଡ ମ୍ୟାଚ ତେତେଲପଡା ଏବଂ ଝିଙ୍କିଡୁଙ୍ଗୁରି ମଧ୍ୟରେ ହୋଇଥିଲା। ତେତେଲପଡା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦୁଷ୍ମନ୍ତ ସାହୁ, ଦୁଷ୍ମନ୍ତ ବେହେରା, ବୁଲୁ ମାଝୀ ଖେଳ ପରିଚାଳନା କରିଥିଲେ। ନାରାୟଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ମୁନସିରାମ ସାହୁ, ଉପସଭାପତି ପାର୍ଥବ ସାହୁ, ସମ୍ପାଦକ ସନ୍ତୋଷ ସାହୁ, ଧନେଶ୍ୱର ଭୋଇ,କୋଷାଧକ୍ଷ ସୁରେନ୍ଦ୍ର ସାହୁ ପ୍ରମୁଖଙ୍କ ସହ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ପଞ୍ଚାୟତରେ ତାଲା ପକାଇଲେ ଆଦିବାସୀ

ଦେଓଗାଁ, ୫।୧(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଉଚ୍ଛେଦ ପ୍ରତିବାଦରେ ଆଦିବାସୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବୁଧବାର ହାତୀସରା ଓ ସିଂଙ୍ଗାମୁଣ୍ଡା ପଞ୍ଚାୟତରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ ସହ ପଞ୍ଚାୟତ ମୁଖ୍ୟଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ବ୍ଲକର ସାଲେପାଲି, ଗୌରଗୋଠ, ମୁକୁନ୍ଦପୁର, ବଡବାହାଲ, ଗୁଡଖାପଲା ଆଦି ପଞ୍ଚାୟତରେ ତାଲା ପକାଯାଇଛି।

# ଉଚ୍ଚ ବିଦ୍ୟାଳୟ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ



ରେଙ୍ଗାଲି ହାଇସ୍କୁଲ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟନ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୫।୧

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କମ୍ପ୍ୟୁଟର ଲ୍ୟାବ୍‌କୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବକ୍ତବ୍ୟ ରଖି ବିଧାୟକ ମିଶ୍ର କହିଥିଲେ ଯେ, ଶିକ୍ଷା ଏବଂ ଅଞ୍ଚଳର ବିକାଶ ପାଇଁ ରାଜନୀତି ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହିବାକୁ ହେବ। ଛାତ୍ରମାନେ ଶୃଙ୍ଖଳିତ ହେବା ସହ ସେମାନଙ୍କ ଶିକ୍ଷା ପ୍ରତି ଅଭିଭାବକ ଓ ଶିକ୍ଷକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଉଦୟ ସିଂ ଠାକୁର ଏହି ବିଦ୍ୟାଳୟକୁ ଆଗାମୀ ଦିନରେ ମହାବିଦ୍ୟାଳୟର କରିବାକୁ ବିଧାୟକ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବନବାସୀ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଜଗନ୍ନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦୀନମିତ୍ର ବାଗ ବିବରଣୀ ପାଠ, ସୀତାରାମ ଭୋଇ ସମ୍ମାନପତ୍ର ପାଠ ଏବଂ ହୃଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀବସ୍ତ ପଟେଲ, ପଟେଲ ପାତ୍ର, କୁଶଧ୍ୱଜ ଗଡତ୍ୟା, କପିଳେଶ୍ୱର ଦଣ୍ଡସେନା, ଘନଶ୍ଯାମ ବାଗ, ପ୍ରେମରାଜ ରାଜପୁତ, ସରପଞ୍ଚ ଘାସିରାମ ରାଜପୁତ ପ୍ରମୁଖ ମଞ୍ଚାସୀନ ଥିଲେ।

## ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରି ଜେଲଗଲେ

ଖପ୍ରାଖୋଲ, ୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ପୋଲିସ ସମ୍ପୃକ୍ତ ଯୁବକ ବୁଢିବାହାଲ ଗାଁର ରାଜ ଭୋଇ(୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାର ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ସୁଚନା ଅନୁସାରେ ସମ୍ପୃକ୍ତ ଯୁବତୀଙ୍କର ବାହାଘର ଠିକ ହୋଇଥିଲା। ଏହି ସମୟରେ ତାଙ୍କର କେତେକ ଫଟୋକୁ ରାଜ ଯୁବତୀଙ୍କ ଭାବି ସ୍ୱାମୀଙ୍କୁ ପଠାଇବା ସହ ଭାଇରାଲ କରିଥିଲେ। ଖପ୍ରାଖୋଲ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(ନଂ.୧/୨୨) ରୁଜୁ କରି ପୋଲିସ ରାଜଙ୍କୁ ଧରିଥିଲା।

# ଗ୍ରାମାଞ୍ଚଳ କ୍ରିକେଟ: ପେଣ୍ଡରେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ସିନାପାଲି,୫।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡାଠାରେ ସ୍ଥାନୀୟ ୟୁଥ ମାସ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବରଗାଁ ଓ ପେଣ୍ଡରେନ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ବରଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ପେଣ୍ଡରେନ ଦଳ ୧୧.୩ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରି ବିଜୟୀ ହୋଇଥିଲା। ଭୋଜରାଜ ମାଝି ଓ ଜୟଶଙ୍କର ମାଝି ଖେଳ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ସା, ପ୍ରକାଶ ପାତ୍ର, ଅରବିନ୍ଦ ହୋତା ଧାରାବିବରଣୀ ପ୍ରଦାନ କରିଥିଲେ। ନବୀନ କୁମାର ମାଝି ଓ ଦୀପକ ମାଝି ସ୍କୋରିଂ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜନ କମିଟି ସଭାପତି ସଞ୍ଜୟ କୁମାର ସା, ସମ୍ପାଦକ ପ୍ରବୀଣ ସା, ସମୀର ପାତ୍ର, ନୀଳକଣ୍ଠ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜିତ ଉଦ୍‌ଯାପନୀରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ ସଦାଶିବ ନାଏକ, ସରପଞ୍ଚ ଶିବାନନ୍ଦ ହୋତା, ଜିଲା ଗୋଣ୍ଡ ସମାଜ ସଭାପତି ପ୍ରସନ୍ନ ମାଝି, ଅବସର ପ୍ରାପ୍ତ ଶିକ୍ଷକ ଚନ୍ଦ୍ରଭାନୁ ସା, ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ୧୬ଟି ଦଳ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅନୀଲ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

**ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ମିଳିଲାନି**

ସଇଁତଲା, ୫।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଦିବାସୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖାଯାଇ ନାହିଁ। ଏହାର ପ୍ରତିବାଦରେ ବୁଧବାର ସଇଁତଲା ବ୍ଲକ ଆଦିବାସୀ ସଂଘ ବ୍ଲକ ଅଫିସ ଘେରାଉ କରିଥିଲା। ବ୍ଲକ ଆଦିବାସୀ ସଂଘ ସଭାପତି ସନ୍ତୋଷ ପଟାଙ୍କ ନେତୃତ୍ୱରେ ଆଦିବାସୀମାନେ ସ୍ଥାନୀୟ ଡ଼ାକବଙ୍ଗଳା ଛକରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା କରାଯାଇଥିଲା। ଆଗାମୀ ୭ତାରିଖରେ ଚୂଡ଼ାନ୍ତ ତାଲିକାରେ ସଂରକ୍ଷଣ ପ୍ରଦାନ କରା ନ ଗଲେ ଆଦିବାସୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ଭୋଇ କହିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ଚନ୍ଦ୍ରମଣୀ ନାଗଙ୍କୁ ପ୍ରଦାନ କରାଯାଇଥିଲା। ପୁରୁଷୋତ୍ତମ ଧରୁଆ, ଗୁଣସାଗର ମାଝୀ, ଗିରିଧାରୀ ଭୋଇ, ମିଥୁନ ଧରୁଆ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଆଦିବାସୀ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ନୂଆପଡ଼ା ଅଫିସ,୫।୧

ରେଲୱେ ଜମି ହଡ଼ପ କରିବା ନେଇ ଖରିଆର ରୋଡ ସହରର ଠିକାଦାର ବଲବୀର ସିଂ ବେହ୍ମ ଜଣେ ଅସହାୟ ଦଳିତ ମହିଳାଙ୍କୁ ଘରୁ ବେଦଖଲ କରିବା ସହିତ ଜାତିଆଣ ଆକ୍ଷେପ କରି ଜୀବନରେ ମାରିଦେବା ଧମକ ଦେଇଥିଲେ। ଏହା ବିରୋଧରେ ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ବୁଧବାର ଖରିଆର ରୋଡ ସହର ମୋଙ୍ଗରାପାଲି ଛକଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲେ। ଦୀର୍ଘ ୪ ଘଣ୍ଟା ଅବରୋଧ ପରେ ମଧ୍ୟ କିଛି ସମାଧାନ ନ ହେବାରୁ ଜନ ସାଧାରଣଙ୍କ ହିତ ଦୃଷ୍ଟିରୁ ଗରିବ ସେନା ପକ୍ଷରୁ ରାସ୍ତା ଅବରୋଧକୁ ୩୬ ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଛି। ୩୬ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆସନ୍ତା ୮ ତାରିଖରେ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଗରିବ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଅନୁସାରେ ଖରିଆର ରୋଡ ସହର ମୋଙ୍ଗରାପାଲି ଛକ ନିକଟରେ ଲଳିତା ସତନାମୀ ନାମକ ଦଳିତ ମହିଳା ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସରକାରୀ ଜାଗାରେ ଘର କରି ରହୁଥିଲେ। କିନ୍ତୁ ସମ୍ପ୍ରତି ଖରିଆର ରୋଡ ରେଳ ଫାଟକଠାରେ ଉପର ପୋଲ ନିର୍ମାଣ ନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପରେ ବଲବୀର ବେହ୍ମ ନାମକ ଠିକାଦାର ସରକାରୀ ଜମିକୁ ହଡପ କରିବା ଲୋଭରେ ଲଳିତାଙ୍କ ଘର ଭାଙ୍ଗିଦେବା ସହିତ ଜାତିଆଣ ଆକ୍ଷେପ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ଲଳିତା ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗରିବ ସେନାଙ୍କ ନେତୃତ୍ୱରେ ଡିସେମ୍ବର ୨୪ରେ ମୋଙ୍ଗରାପାଲି ଛକଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନରେ ଗରିବ ସେନା ଆବାହକ ମଙ୍ଗରାଜଙ୍କ ସମେତ ଜ୍ୟୋତିଲାଲ ବଞ୍ଜାରା, ଲାଲୁ ଚେଲକ, ଲୋକେଶ ସତନାମୀ, ଗୋବିନ୍ଦ ସାହୁ, ବାଲେଶ୍ୱର ସାହୁ, ହରିଶ ମାଝି, ରଞ୍ଜନ ସେନାପତି, ଖଗେଶ୍ୱର ଦୀପ, ଜଗନ୍ନାଥ ନାଏକ, ମୋହନ ଚେଲକ, ଦେବେନ୍ଦ୍ର ବାଗ, ରାଜୁ ସତନାମୀ, ଧରମ ସତନାମୀ, ସନ୍ତୋଷ ବିଭାର ପ୍ରମୁଖ ସାମିଲ ହୋଇଥିଲେ।




ଗରିବ ସେନା ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ସଂକ୍ଷେପରେ

### ଚର୍ଦ୍ଧାପାଲି ଲଖମରା ଅଙ୍ଗନଦୀରେ ପୋଲ ହେବ

**ପଦ୍ମପୁର ୫।୧ (ଡିଏନଏ):** ବରଗଡ ଜିଲା ଚର୍ଦ୍ଧାପାଲି ପଞ୍ଚାୟତର ଦୁଃଖ ଦୂର ହେବ। ଏଥିପାଇଁ ରାଜ୍ୟ ସରକାର ୨୦କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଇତିମଧ୍ୟରେ ମୃତ୍ତିକା ପରୀକ୍ଷଣ ସରିଛି। ବେସରକାରୀ ସୂତ୍ରରୁ ଜଣାଯାଉଛି ଯେ,ଆଗାମୀ ୭ ତାରିଖରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଓ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ପୋଲ ନିର୍ମାଣର ଭୂମି ପୂଜନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଆନୁସାଙ୍ଗିକ କାମ ସରିଛି। ଅଦ୍ୟାବଧି ସରକାରୀ ସ୍ତରରେ ଘୋଷଣା କରାଯାଇନାହିଁ। ଭୂମି ପୂଜନର ନାମ ଫଳକ ପ୍ରସ୍ତୁତ ସରିଛି।

### ଲକ୍ଷେଘର ଗଣ୍ଡା ସମାଜ ବୈଠକ

**ପାଇକମାଲ, ୫।୧(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକସ୍ତରୀୟ ଲକ୍ଷେଘର ଗଣ୍ଡା ସାମାଜର ବୈଠକ ବ୍ଲକ ମିଠାପାଲି ବିକ୍ରମନଗରରେ ଅନୁଷ୍ଠିତ ହୋଇଯାଇଛି। ସଭାପତିଭାବେ ଯୁଧିଷ୍ଠିର ଚାନ୍ଦ, ଉପସଭାପତି ମଣି ମହାନନ୍ଦ, ସାଧାରଣ ସମ୍ପାଦକ ଦେବାର ଛତର, ସମ୍ପାଦକ ଲଳିତ ଜଗତ, କୋଷାଧକ୍ଷ ରାଜୁ ମହାନନ୍ଦ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ କ୍ଷେତ୍ରି ଲୁହାର, ଯୁଗଳ କିଶୋର ମହାନନ୍ଦ, ରଞ୍ଜିତା ଛତର, ରମଳା ଲୁହାର, ମୋହନ ଜଗତ, ବେର୍‌ନି ମହାନନ୍ଦ, ସାରଥି ସୁନା, ଗୋକୁଳ ରାଜହଂସଙ୍କୁ ରଖାଯାଇଛି। ଆବାହକ ମଣ୍ଡଳୀର ଦେବାର ଛତର, ଧନସିଂ ତାଣ୍ଡି, ଗଣେଶ ସୁନା, ମଣି ମହାନନ୍ଦ, ଲଳିତ ଜଗତ, ରମେଶ ଦୀପ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ କେନ୍ଦ୍ର, କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ପଦ୍ମପୁର, ୫।୧(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ତାଳପାଲିଠାରେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଲ୍ୟାଣ ମଣ୍ଡପକୁ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ବୁଧବାର ଉଦ୍‌ଘାଟନ କରଛନ୍ତି। ବିଜେପୁର ବିଧାୟିକା ରୀତା ସାହୁ, ଡା ଯଶୋବନ୍ତ ମେହେର, ବ୍ଲକ ଉପାଧକ୍ଷ ପ୍ରଣୟ ସାହୁ, ସରପଞ୍ଚ ସୁଶାନ୍ତ ସାହୁ, ସମିତି ସଭ୍ୟ ମାନଭଞ୍ଜନ ସାହୁ, ବରିଷ୍ଠ ନେତା ନାରଦ ବରିହା, ପଞ୍ଚାୟତ ଅଧିକାରୀ ପାଣ୍ଡବ ନନ୍ଦ, ଡା.ପଙ୍କଜ ଭୋଇ, ଡା.ଅଶୋକ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମନ୍ତ୍ରୀ ସିଂ ୧୦ଜଣଙ୍କୁ କରୋନା ସହାୟତା ରାଶି ପ୍ରଦାନ କରିଥିଲେ।

### ଗ୍ରାମ ପଞ୍ଚାୟତ ଭବନ ଉଦ୍‌ଘାଟିତ

**ପଦ୍ମପୁର, ୫।୧(ଡି.ଏନ.ଏ.) :** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ବରିକେଲ ପଞ୍ଚାୟତର ନବ ନିର୍ମିତ ଭବନକୁ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ସୌଦାମିନୀ ମେହେର ଅଧକ୍ଷତା କରିଥିଲେ। ବିଡିଓ ଶଙ୍କର୍ଷଣ ବେହେରା, ପ୍ରଶାନ୍ତ ମହାନ୍ତି, ଭୋଜରାଜ ସିଂ ବରିହା ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ସମିତି ସଭ୍ୟ ଫକୀର ମୋହନ ସାହା ଧନ୍ୟବାଦ ଦେଇଥିଲେ।

### ଜୟ ଜଗନ୍ନାଥ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଉଁଶୁଣୀ,୫।୧(ଡି.ଏନ.ଏ.):** ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଦନ୍ତାପାଲି ଖେଳପଡ଼ିଆଠାରେ ବୁଧବାର ଗାନ୍ଧିଜୀ ୟୁଥ କ୍ଲବ ତରଫରୁ ୨୮ ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟିନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ ବାଘ, ସମ୍ମାନିତ ଅତିଥି ଭାବେ ଦାମୋଦର ମିଶ୍ର, ଗଜେନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ପ୍ରଥମରେ ଦନ୍ତାପାଲି ଓ ବହିରା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଦନ୍ତାପାଲି ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବଲାସିଙ୍ଗା ଓ ମହିଶରପିଣ୍ଡା ମଧ୍ୟରେ ହୋଇଥିଲା । ବଲାସିଙ୍ଗା ଦଳ ୧-୦ରେ ବିଜୟୀ ହୋଇଥିଲେ । ରେଫରି ଭାବରେ ବିଭୂତି ଭୂଷଣ ବେହେରା ଯୋଗ ଦେଇଥିଲେ। ବିକାଶ କୁମାର ସାହୁ, ଅଭିଳାଷ ସାହୁ ଖେଳ ପରିଚାଳନା କରିଥିଲେ । କ୍ଲବର ସଭାପତି ମୀନକେତନ ନାଏକ, ସମ୍ପାଦକ- ସିପୁନ ନାଏକଙ୍କ ସମେତ ଗାନ୍ଧିଜୀ ୟୁଥ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବୌଦ୍ଧରେ ବଢ଼ିଲା ମହିଳା ଭୋଟର ସଂଖ୍ୟା

## ବୌଦ୍ଧ ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ବୌଦ୍ଧ,୫।୧(ସ୍ୱ.ପ୍ର.)**



ଚୂଡାନ୍ତ ଭୋଟର ତାଲିକା ନେଇ ବୈଠକରେ ଜିଲାପାଳ ଓ ରାଜନୈତିକ ଦଳର ପ୍ରତିନିଧି ।

ବୌଦ୍ଧ ଜିଲାରେ ଚଳିତବର୍ଷର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ବୁଧବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଓ ପ୍ରତିନିଧିଙ୍କ ଉପସ୍ଥିତରେ ଏହି ଭୋଟର ତାଲିକା ପ୍ରକାଶ କରାଯାଇଛି।

ସୂଚନା ମୁତାବକ, ୮୫ କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ୮୫୮୪୦ ମହିଳା ଓ ୮୨୩୫୦ ପୁରୁଷ ଭୋଟର ରହିଥିବା ବେଳେ ତୃତୀୟ ଲିଙ୍ଗ ୨ ଜଣ ଭୋଟରଙ୍କୁ ମିଶାଇ ମୋଟ ୧୬୮୧୯୨ ଜଣ ଭୋଟରଙ୍କ ନାମ ଚୂଡାନ୍ତ ତାଲିକାରେ ପ୍ରକାଶ ପାଇଛି। ପୂର୍ବ ଭୋଟର ତାଲିକାରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୧୬୩୫୩୪ ଜଣ ଭୋଟରଙ୍କ ନାମ ତାଲିକାରେ ରହିଥିବା ବେଳେ ବର୍ତ୍ତମାନ ନୂତନ ଚୂଡାନ୍ତ ତାଲିକାରେ ୪୬୫୮ ଜଣ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଥିବା ଜଣାଯାଇଛି। ସେହିପରି ୮୬ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୮୫୦୦୬ ମହିଳା ଓ ୮୦୬୬୩ ପୁରୁଷ ଭୋଟର ରହିଥିବା ବେଳେ ତୃତୀୟ ଲିଙ୍ଗ ୫ ଜଣ ଭୋଟରଙ୍କୁ ମିଶାଇ ମୋଟ ୧୬୫୬୭୪ ଜଣ ଭୋଟରଙ୍କ ନାମ ଚୂଡାନ୍ତ ତାଲିକାରେ ପ୍ରକାଶ ପାଇଛି। ପୂର୍ବ ନିର୍ବାଚନରେ ବୌଦ୍ଧ ନିର୍ବାଚନମଣ୍ଡଳୀରେ ୧୬୨୩୫୬ ଜଣ ଭୋଟରଙ୍କ ନାମ ତାଲିକାରେ ରହିଥିବା ବେଳେ ବର୍ତ୍ତମାନ ନୂତନ ଚୂଡାନ୍ତ ତାଲିକାରେ ୩୩୧୮ ଜଣ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଥିବା ଜଣାଯାଇଛି। ଚୂଡାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲାର ଦୁଇଗୋଟି ନିର୍ବାଚନମଣ୍ଡଳୀରେ ୭୯୭୬ ଜଣ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଥିବା ବେଳେ ଜିଲାରେ ସମୁଦାୟ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇ ୩୩୩୮୬୬ ରେ ପହଞ୍ଚିଥିବା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ସନତ କୁମାର ନାଏକ ସୂଚନା ଦେଇଛନ୍ତି। । କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୨୨୫୪ ପୁରୁଷ ଓ ୨୪୦୪ ଜଣ ମହିଳା ନୂତନ ଭୋଟର ଏବଂ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୫୭୮ ପୁରୁଷ ଓ ୧୭୪୦ ଜଣ ମହିଳାଙ୍କ ନାମ ନୂତନ ଓ ଚୂଡାନ୍ତ ଭୋଟର ତାଲିକାରେ ସଂଯୁକ୍ତ ହୋଇଥିବା ଜଣାଯାଇଛି। ଏଥର ଭୋଟର ତାଲିକା ଅନୁଯାୟୀ ବୌଦ୍ଧ ଜିଲାରେ ପୁରୁଷ ଭୋଟରଙ୍କ ଠାରୁ ୩୧୨ ଜଣ ମହିଳା ଭୋଟର ବଢିଥିବା ଦେଖାଦେଇଛି । ଏହି ବୈଠକରେ ଭାଜପା ପକ୍ଷରୁ ଜିଲା ସଭାପତି ବିପ୍ରଚରଣ ମହାନ୍ତି, କଂଗ୍ରେସ ପକ୍ଷରୁ ଜିଲା ଉପସଭାପତି ସମରେଶ ମିଶ୍ର,ସିପିଆଇ ପକ୍ଷରୁ ଅବକାଶ ସାହୁ,ବିଜେଡି ପକ୍ଷରୁ କନ୍ଧୁଧର କ୍ଷେତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର(ନିର୍ବାଚନ) ଅବନୀକାନ୍ତ ସାହୁ, ଉପବିଭାଗ ଅଧିକାରୀ ରାଜଗୋପାଳନ ମହାପାତ୍ର,ବରିଷ୍ଠ ରାଜସ୍ୱ ସହାୟକ ସରୋଜ କୁମାର ବେହେରା ଓ କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ମେହେର ଓ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୩ କେନ୍ଦ୍ରରେ ୮୫୩ ଛାତ୍ରୀଛାତ୍ର

## ମାଟ୍ରିକ ସମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା

**ବାଉଁଶୁଣୀ,୫।୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକର ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମୁଣ୍ଡିପଦର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ବୁଧବାର ମେଟ୍ରିକ ସମେଟିଭ ଆସେସମେଣ୍ଟ ପରୀକ୍ଷା କରୋନା କଟକଣା ମଧ୍ୟରେ ଆରମ୍ଭ ହୋଇଛି। ଜହ୍ନାପଙ୍କ କେନ୍ଦ୍ରରେ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟର ୨୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ୨୯ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ଏଥିପାଇଁ ୧୯ ଇନଭିଜିଲେଟର ,୨ ଜଣ ଡ଼େପୁଟି ସୁପରିଟେଣ୍ଡେଣ୍ଟ ଓ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ତେଲିବନ୍ଧ କେନ୍ଦ୍ରରେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟର ୨୩୬ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ୧୬ ଜଣ ଅନୁପସ୍ଥିତ ଥିଲେ ।ଏଥିପାଇଁ ୧୮ ଜଣ ଇନଭିଜିଲେଟର, ୨ ଜଣ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ନାଏକ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ମୁଣ୍ଡିପଦର କେନ୍ଦ୍ରରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ ଓ ତେଲିବନ୍ଧ ଉଚ୍ଚ ବିଦ୍ୟାଳୟର ୩୪୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ୨୦ ଜଣ ଅନୁପସ୍ଥିତ ଥିଲେ। ଏଥିପାଇଁ ୨୪ ଜଣ ଇନଭିଜିଲେଟର,୨ ଜଣ ଡେପୁଟି ସୁପରିଟେଣ୍ଡେଣ୍ଟ ଓ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜ ଏବଂ ମାସ୍କ ଚେକିଂ କରି ପରୀକ୍ଷା କେନ୍ଦ୍ର ଭିତରକୁ ଛଡ଼ାଯାଇଥିଲା। କେନ୍ଦ୍ରରେ ଗୋଟିଏ ବେଞ୍ଚରେ ୨ ଜଣ ଙ୍କୁ ବସଯାଇଥିଲା। ବୁଧବାର ୨ଟି ସିଟିଂ ପରୀକ୍ଷା ସମ୍ପର୍ଣ୍ଣ ହୋଇଛି। ଏହା ସହିତ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ମେଟ୍ରିକ ସମେଟିଭ ଆସେସମେଣ୍ଟ ପରୀକ୍ଷା ହୋଇଥିଲା ।

# ମୁଖ୍ୟରାସ୍ତାରେ କେନାଲ ପାଣି



ସିଂଘିଯୁବା ହାଇସ୍କୁଲ ଛକରେ କେନାଲ ପାଣି ବୋହୁଛି।

**ବିନିକା,୫।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ୩୯ନଂ ମୁଖ୍ୟରାସ୍ତାର ସିଂଘିଯୁବା ହାଇସ୍କୁଲ ଛକ ଉପରେ ବହୁଛି କେନାଲ ପାଣି । ଫଳରେ ମୁଖ୍ୟଛକ ପରିସର ଜଳାର୍ଣ୍ଣବ ହୋଇପଡିଛି । ଏଥିଯୋଗୁ ଯାତ୍ରୀ ଓ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେତେକ ଦୋକାନରେ କେନାଲ ପାଣି ପଶୁଛି । ଅପରପକ୍ଷରେ ସିଂଘିଯୁବା ହାଇସ୍କୁଲରେ ଏବେ ଚାଲିଛି ପିଲାଙ୍କ ମାଟ୍ରିକ ସମେଟିଭ ପରୀକ୍ଷା । ବିଭିନ୍ନ ହାଇସ୍କୁଲରୁ ଦୈନିକ ଶତାଧିକ ଛାତ୍ରୀଛାତ୍ର ସିଂଘିଯୁବା ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦେବାକୁ ଆସୁଛନ୍ତି । ମାତ୍ର ମୁଖ୍ୟରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଥିବାରୁ ପିଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । କେନାଲ ପାଣି କ୍ଷେତକୁ ନ ଗଡି ମୁଖ୍ୟରାସ୍ତାରେ ବୋହିବା ଯୋଗୁ ତଳମୁଣ୍ଡରେ ପାଣି ପହଞ୍ଚି ପାରୁନି । ଫଳରେ ଧାନ ଅମଳ କରି ସାରିଥିବା

## ଯାତାୟାତରେ ସମସ୍ୟା

ତଳମୁଣ୍ଡର ଧାନଚାଷୀ ରବିଚାଷ ପାଇଁ ପହ୍ଲା ପକାଇବା କାର୍ଯ୍ୟ ପାଣି ଅଭାବରୁ ତୁଲାଇ ପାରୁନାହାଁନ୍ତି । ଏନେଇ ହାଇସ୍କୁଲ ଛକ ଜଳଖିଆ ଦୋକାନୀ ଜୟନ୍ତ ସାହୁ କୁହନ୍ତି ପୋଲ ମରାମତି କାର୍ଯ୍ୟ ନିମ୍ନମାନର କରାଯାଇଛି । ଫଳରେ କେନାଲ ପାଣି ପୋଲ ଦେଇ ଅପରପଟକୁ ଯାଇ ନ ପାରି ମୁଖ୍ୟରାସ୍ତାରେ ବୋହି ଦୋକନ ମଧ୍ୟକୁ ପଶୁଛି । ତୁରନ୍ତ ପୋଲ ମରାମତି କରିବାକୁ ସେ ଦାବି କରିଛନ୍ତି । ଏନେଇ ତଳମୁଣ୍ଡ ଚାଷୀ ବିପିନ ମିର୍ଦ୍ଧା କୁହନ୍ତି, କ୍ଷେତକୁ ନ ମାଡି ରାସ୍ତାରେ ଗଡୁଛି କେନାଲ ପାଣି । ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ସିଂଘିଯୁବା ମୁଖ୍ୟ ଛକ କେନାଲ ବ୍ରିଜ ପୋଲର ତୁରନ୍ତ ମରାମତି କାର୍ଯ୍ୟ କରାଯିବା ସହିତ କେନାଲ ପାଣି ଠିକ ଭାବରେ କ୍ଷେତକୁ ପହଞ୍ଚାଇବା ବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ଥମୁନି ହାତୀ ଉପଦ୍ରବ

**ବିନିକା, ୫।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଓ ପାପୀ ଅଞ୍ଚଳରେ ଗତ ଏକ ସପ୍ତାହେ ହେଲା ହାତୀ ଉପଦ୍ରବ ଲାଗି ରହିଛି। ସୋମବାର ରାତିରେ ସିଂଘିଯୁବା ସଂରକ୍ଷିତ ଜଙ୍ଗଲରୁ ବାହାରି ଥିବା ହାତୀପଲ ପାପୀ ଗାଁର ଶୁକ୍ରୁ ମହାକୁରଙ୍କ ଧାନଖରି, ବିନୋଦ କ୍ଷେତୀଙ୍କ ଖଳାରେ ଥିବା ୨୦ବସ୍ତା ଧାନ, ଉଜ୍ଜ୍ୱଳ ପଧାନଙ୍କ ଅମଳ ଧାନ ଖାଇବା ସହ ଗାଁର କେତେଜଣଙ୍କର ଘରଦ୍ୱାର ଭାଙ୍ଗି ପକାଇଛନ୍ତି। ରବିବାର ରାତିରେ ହାତୀପଲ ସିଂଘିଯୁବା ଓ ପାପୀ ମୌଜାରେ ପ୍ରାୟ ୫ଏକର ଜମିରେ ସୁଜିତ ପାଢୀ, ଦ୍ୱାରୁ ପାତ୍ର, ବାଳମୁକୁନ୍ଦ ଭୋଇ ପ୍ରମୁଖ କରିଥିବା କରିଥିବା ପରିବା ଚାଷକୁ ଉଜାଡି ଦେଇଥିଲେ। ସମ୍ପୃକ୍ତ ଚାଷୀମାନେ ଧାରକରଜ କରି ବନ୍ଧାକୋବି, ଫୁଲକୋବି, ଝୁଲେର, ବାଇଗଣ, କଲରା, ପାତଲଘଣ୍ଟା,ଜହ୍ନି ଆଦିପରିବା ଚାଷ କରିଥିଲେ। ବର୍ତ୍ତମାନ ଅମଳ ସମୟରେ ସବୁକିଛି ନଷ୍ଟ ହୋଇଗଲା। ଗତ ଏକ ସପ୍ତାହ ହେଲା ହାତୀ ଉପଦ୍ରବ ଯୋଗୁ ଆତଙ୍କିତ ହୋଇ ପଡିଛନ୍ତି ଅଞ୍ଚଳବାସୀ: ରାତି ହେଲେ ସିଂଘିଯୁବା ଓ ଭଣ୍ଡାର ପଞ୍ଚାୟତର ଲୋକେ କ୍ଷେତ, ଖଳା ଯିବା ବନ୍ଦ କରିଦେଲେଣି। ସିଂଘିଯୁବା ବନ ସୁରକ୍ଷା ଅଧିକାରୀ ଲିଙ୍ଗରାଜ ନାୟକଙ୍କୁ ପଚାରିବାରୁ କହିଛନ୍ତି ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ହାତୀପଲଙ୍କୁ ଘଉଡାଇବାକୁ ଚେଷ୍ଟା କରୁଛୁ। କ୍ଷୟକ୍ଷତି ହେଉଥିବା ଚାଷୀମାନେ ରିପୋର୍ଟ କଲେ ତଦନ୍ତ ପରେ କ୍ଷତିପୂରଣ ପ୍ରଦାନ କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

# ଟାଏକେଣ୍ଡୋ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ସୋନପୁର,୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ସୋନପୁରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁୟାରୀ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଜିଲାରେ ପ୍ରଥମ ପଶ୍ଚିମ ଓଡିଶା ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ଏ ନେଇ ସବିଶେଷ ଆଲୋଚନା ହୋଇଥିଲା। ଓଡିଶା ଟାଏକୋଣ୍ଡୋ ସଂଘ ପୁରୀ ସମ୍ପାଦକ ମନମୋହନ ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହେବ। ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋସଂଘ ଏହି ପ୍ରତିଯୋଗିତାକୁ ପରିଚାଳନା କରିବ । ଏହି ପ୍ରତିଯୋଗିତାରେ ଆୟୋଜକ ଜିଲା ଟାଏକୋଣ୍ଡୋ ସଂଘ ସମେତ ପଶ୍ଚିମ ଓଡିଶାର ବୌଦ୍ଧ, ବଲାଙ୍ଗୀର, ବରଗଡ, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ଓ କଳାହାଣ୍ଡି ଜିଲାର ମୋଟ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବାକୁ ଚୂଡାନ୍ତ ହୋଇଛି। ଏହି ଜୋନାଲସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଭଳି ପିଏସଏସ ଏବଂ ଇଏସଏସର ବ୍ୟବହାର କରାଯିବ । ଖେଳ ପରିଚାଳନା କରିବାକୁ ଜାତୀୟ ସ୍ତରର ରେଫେରିମାନେ ଆସିବାକୁ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡିଛି । ସବ୍ ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର ବର୍ଗରେ ଉଭୟ ପୁମସେ ଓ ଖ୍ୟୁରୋଗୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବୌଦ୍ଧ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ଅଞ୍ଜିତ କୁମାର ସାହୁ, ବଲାଙ୍ଗୀର ଜିଲା ଟାଏକଣ୍ଡୋ ସଂଘ ସମ୍ପାଦକ ଅସୀମ ଭୋଇ ଓ ବରଗଡ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ବିଜୟ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ସୁବର୍ଣ୍ଣପୁର ଜିଲା ଟାଏକଣ୍ଡୋ ସଂଘ ସମ୍ପାଦକ ଏହେସାସ ହୋତା ଏହି ବୈଠକ ପରିଚାଳନା କରିଥିଲେ ।

# ସୁବର୍ଣ୍ଣପୁର ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

**ସୋନପୁର,୫।୧(ନି.ପ୍ର.)**



ରାଜନୈତିକ ଦଳର ପ୍ରତିନିଧି ଜିଲାପାଳଙ୍କ ନିକଟରୁ ଚୂଡାନ୍ତ ଭୋଟର ତାଲିକା ଗ୍ରହଣ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାର ୬୪-ବୀରମହାରାଜପୁର ଏବଂ ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ବୁଧବାର ପ୍ରକାଶିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଜିଲାପାଳ ଅବୋଲି ସୁନିଲ ନରୱଣେ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକା ଏବଂ ସିଡି ପ୍ରଦାନ କରିଛନ୍ତି । ଚୂଡାନ୍ତ ଭୋଟର ତାଲିକା ଅନୁସାରେ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ୨,୧୩,୯୮୪ ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ୨,୫୬,୬୬୨ ରହିଛି । ବୀରମହାରାଜପୁର ନିର୍ବାଚନମଣ୍ଡଳୀର ମହିଳା ଭୋଟର ୧,୦୨, ୬୭୪, ପୁରୁଷ ଭୋଟର ୧,୧୧,୩୦୯ ଓ ତୃତୀୟ ଲିଙ୍ଗ ୧ ଅଛନ୍ତି ।

ସେହିପରି ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ମହିଳା ଭୋଟର ସଂଖ୍ୟା ୧,୨୩,୬୦୩, ପୁରୁଷ ଭୋଟର ୧,୩୩,୦୪୩ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୧୬ ଥିବା ଜଣାପଡିଛି । ଗତ ନଭେମ୍ବର ୧ ତାରିଖରେ ପ୍ରକାଶିତ ଚିଠା

## ମୋଟ ଭୋଟର ୪, ୭୦, ୬୪୬

ଭୋଟର ତାଲିକା ଅନୁସାରେ ଜିଲାର ଉଭୟ ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟର ସଂଖ୍ୟା ଥିଲା ୪,୬୧,୫୮୧ । ଏହି ପରିପ୍ରେକ୍ଷୀରେ ନୂତନ ଚୂଡାନ୍ତ ତାଲିକାରେ ୯,୦୬୪ ଜଣ ଭୋଟରଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ଜିଲାରେ ସର୍ବମୋଟ ୫୮୬ଟି ବୁଥ ରହିଥିବା ବେଳେ ୬୪-ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ବୁଥ ସଂଖ୍ୟା ୨୬୭ ଓ ୬୫-ସୋନପୁର ନିର୍ବାଚନ ମଣ୍ଡଳୀର ବୁଥ ସଂଖ୍ୟା ୩୨୯ । ଚଳିତବର୍ଷ ମୋଟ ୪,୭୦,୬୪୬ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ଏହି ତାଲିକା ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ନିର୍ବାଚନ ଶାଖାର କର୍ମଚାରୀ ଉପସ୍ଥିତ ଥିବା ବେଳେ ରାଜନୈତିକ ଦଳର ପ୍ରତିନିଧି ଭାଜପାର ଜଗତ୍‌ଜ୍ୟୋତି ତ୍ରିପାଠୀ, କଂଗ୍ରେସର ସୁଧୀର କୁମାର ପଣ୍ଡା, ବିଜେଡିର କଇରୁ ସ୍ୱାଇଁ ଓ ଏସସିଏସୟୁର ଗୋବିନ୍ଦ ମହାରଣା ପ୍ରମୁଖ ଜିଲାପାଳ ନରୱଣେଙ୍କ ଠାରୁ ଚୂଡାନ୍ତ ଭୋଟର ତାଲିକା-୨୦୨୨ ଗ୍ରହଣ କରିଥିଲେ ।

# ୨ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବିନିକା,୫।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଡଭଲା-ସିନ୍ଧୁରପୁର-ଆଖିଦାଦର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଆଧୁନିକୀକରଣ ହେବ । ଏହି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ହୋଇଛି । ଏଥିପାଇଁ ୫ କୋଟି ୪୦ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁର ହୋଇଛି । ସେହିପରି ବିନିକା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିନିକା ନଗର ସଭାପତି ସୋମନାଥ ମିଶ୍ର , ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ , ଭୀମସେନ ସାହୁ , ମାନସ କୁମାର ବେହେରା, ସୁଧାଂଶୁ ଶେଖର ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା,ପୀତବାସ ମେହେର ,ଟଙ୍କଧର ମେଲ୍ଲୀଙ୍କ ସମେତ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# କୃଷି ଅଫିସରେ ତାଲା ପକାଇଲେ ଚାଷୀ

**ପାଇକମାଲ, ୫।୧(ଡି.ଏନ.ଏ.)**

ଚାଷୀଙ୍କ କୃଷି ବୀମା ରିଜେକ୍ଟ ଜନିତ କାରଣକୁ ନେଇ ବରଗଡ ଜିଲା ପାଇକମାଲ ବ୍ଲକର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଞ୍ଚଳିକ କୃଷି ମହାସଂଘର ଶତାଧିକ ଚାଷୀ ବୁଧବାର କୃଷି କାର୍ଯ୍ୟାଳୟକୁ ଯାଇ ବ୍ଲକ କୋଅର୍ଡିନେଟର ଗୋବିନ୍ଦ ସାହୁଙ୍କୁ ଭେଟିଥିଲେ। କେଉଁ କାରଣରୁ ଇନସ୍ୟୁରେନ୍ସ ରିଜେକ୍ଟ ହେଲା ବୋଲି ପଚାରିଥିଲେ। ହେଲେ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏଥିରେ ଉତ୍ୟକ୍ତ ହୋଇ ଚାଷୀମାନେ ବୁଧବାର କୃଷି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ଚାଷୀମାନେ କୃଷି କାର୍ଯ୍ୟାଳୟ ଅଫିସ ବାହାରେ ଏକ ବୈଠକ କରିଥିଲେ। ମହାସଂଘ ସଭାପତି ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣା ସଭାରେ ଚାଷୀମାନେ ଅଭିଯୋଗ କରିଥିଲେ ଯେ, ସେମାନେ ଜୁଲାଇ ୩୧ ସୁଦ୍ଧା କୃଷି ବୀମା ଟଙ୍କା ଜମା କରିଥିଲେ। ଋଣ ନେଇଥିବା ଚାଷୀମାନେ ୧୫ ଦିନ ଓ ଅଣ ଋଣୀମାନଙ୍କର ଇନ୍ସୁରେନ୍ସ ୩୦ଦିନରେ ହୋଇଥାଏ। କିନ୍ତୁ ପାଇକମାଲ ବ୍ଲକର ୯୫୮ଜଣ ଚାଷୀଙ୍କ ନଭେମ୍ବର ମାସରେ ରିଜେକ୍ଟ ହୋଇଥିବା ଜଣାପଡିଥିଲା। ଏନେଇ ସଂଘ ତରଫରୁ ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଆଜି କୃଷି ଅଫିସରେ ତାଲା ପକାଇବାକୁ ବାଧ୍ୟ ହେଲେ ବୋଲି କହିଛନ୍ତି ମହାସଂଘ ସଭାପତି ରଣା କହିଥିଲେ। ରୋହିତ ସାହୁ, ରାହାସ ବିହାରୀ ସାହୁ, ବାଳକୃଷ୍ଣ ବନଛୋର, ଗୁପତରାମ ବାରିକ,ଦହିତ ସାହୁଙ୍କ ସହ ଶତାଧିକଚାଷୀ ସେଠାରେ ଉପସ୍ଥିତ ଥିଲେ।

# ଇଲେଭେନ ଷ୍ଟାର୍ ଫାଇନାଲରେ

## ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

**ସୋନପୁର,୫।୧(ନି.ପ୍ର.)**

ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୯ମ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ଇଲେଭେନ ଷ୍ଟାର କଳାପଥର ବିଜୟୀ ହୋଇଛି । ବ୍ଲକ ଛକସ୍ଥିତ ରୟାଲ ପଡିଆରେ ଚାରଭାଟି ଏଫସି ସମ୍ବଲପୁର ଓ ଇଲେଭେନ ଷ୍ଟାର କଳାପଥର, ସୋନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ କଳାପଥର ଦଳ ୨-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି । ବେଷ୍ଟ ଡିଫେନ୍ସ ଭାବେ ଫିରୋଜ ଖାନ, ବେଷ୍ଟ ମିଡ୍ ଫିଲ୍ଡ ସୁମିତ ମୁଣ୍ଡା, ବେଷ୍ଟ ୱିଙ୍ଗର ଅଜୟ ଖଡିଆ, ବେଷ୍ଟ ଗୋଲ କିପର ସୁଦାମ ମୁଣ୍ଡା ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ମନଜିତ୍ ମୁଣ୍ଡାଙ୍କୁ ପୁରସ୍କୃତ କରା ଯାଇଥିଲା । ମ୍ୟାଚ୍‌କୁ ଜଗତ ଜଗଦଲା, ନନ୍ଦୁ ନାଏକ, ସୁଦାମ ଜଗଦଲା ଓ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଧନୁର୍ଜୟ ଷାଣ୍ଡ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା ମ୍ୟାଚ୍‌ର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁବାଶିଷ ରଥ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ରଘୁନାଥ ସାହୁ, ସନ୍ତୋଷ ମିଶ୍ର ଓ କୈଳାଶ ସାହୁ ଯୋଗ ଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବକୁ ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପରିଚାଳନା କରିଥିଲେ । ତ୍ରିଲୋଚନ ସୁନା, ଶୁଭମ ମୁଣ୍ଡା, ରବି ମୁଣ୍ଡା, ଶଙ୍କର ଶର୍ମା, ଦେବେନ୍ଦ୍ର ନାଥ କଅଁର ଓ ଉପେନ୍ଦ୍ର ସୁନା ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି ।